# Akashvani, Sambalpur

## SAMBALPURI NEWS BULLETIN

### 3 January 2026 – 6.47- 6.52 am.

*********************************************

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ I&PR

ଭୁବ୍‌ନେଶ୍ୱର୍ ମହାତ୍ମାଗାନ୍ଧୀ ମାର୍ଗ ନ ଆଏଜ୍ ରାଜ୍ୟସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ ଉଦ୍‌ଘାଟନୀ ସମାରୋହର୍ ଆୟୋଜନ୍ କରାଯାଇଛେ । ସଖାଲର୍ ୮ ବଜେ କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆତ୍ମନିର୍ଭର୍ ମହିଳା ସୁବାହକ ମାନ୍‌କୁ କାର୍ ଚାବି ଆଉ ସୁବାହକ ସୁବିଧା କିଟ୍ ବାଂଟ୍‌ବେ । ସଡ଼କ ସୁରକ୍ଷା ଡେସ୍‌ବୋର୍ଡ଼ର ଶୁଭାରମ୍ଭ କର୍‌ବାର୍ ସହେତେ ଗୁଡ଼୍ ସମାରିଟାନ୍ ମାନ୍‌କୁ ସମ୍ମାନିତ୍ କର୍‌ବେ । ଇ ଅବ୍‌ସରେ ଗୁଟେ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଆଉ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର୍‌ର ଭିଲ୍ ଆୟୋଜନ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ -ଭିଜିଲାନ୍ସ ବିଭାଗ୍‌ର ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଭିଜିଲାନ୍ସ ବିଭାଗ୍‌ର ସମୀକ୍ଷା କରିଛନ୍ । ଓଡ଼ିଶାକେ ପୁରାପୁରି ଦୁର୍ନୀତିମୁକ୍ତ କର୍‌ବାର୍ ଲାଗି ଅଭିଯାନ୍ ଜାରି ରଖ୍‌ବାର୍‌କେ ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ବିଭାଗ୍‌କେ ପରାମର୍ଶ ଦେଇଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଗଲା ୨୦ ବଛର୍ ଭିତ୍‌ରେ ୨୦୨୫ ମସିହାଥି ଭିଜିଲାନ୍ସ ବିଭାଗ୍‌କେ ସର୍ବାଧିକ୍ ସଫଳତା ମିଳିଛେ । ଗଲାବଛର୍ ଏପ୍ରିଲ୍‌ନୁ ଡିସେମ୍ବର୍ ମାସ୍ ଭିତରେ ରାଜ୍ୟ ସର୍‌କାର୍ ବିଭାଗ୍‌କେ ଶହେ ୨୫ ଟା ମାମ୍‌ଲାର୍ ତଦନ୍ତ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଇ ବଛ୍‌ରେ ୪ ଶହ ୪୮ ଟା ମାମ୍‌ଲାର୍ ଫଇସଲା ଶହେ ୮ ଟା ମାମ୍‌ଲାଥି ଅଭିଯୁକ୍ତମାନ୍‌କର୍ ଦଣ୍ଡବିଧାନ୍ ଆଉ ସବୁନୁ ଜହ ଶହେ ୩୭ ଟା ଆୟ ବହିର୍ଭୁତ ସମ୍ପତି ମାମ୍‌ଲାର୍ ଫଇସଲା କରାଯାଇଛେ ।

ଧନୁଯାତ୍ରା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଆଏଜ୍ ଉଦ୍‌ଯାପିତ୍ ହେବା । ଶେଷ୍ ଦିନେ ଆଏଜ୍ ମଥୁରା ନଗରୀ ନ କୃଷ୍ଣ, ବଳରାମ୍‌ଙ୍କୁ ସ୍ୱାଗତ୍ , ଦୁହି ଭାଇଙ୍କର୍ ମଥୁରା ଭ୍ରମଣ୍, କୁବଳୟା ବଧ, ଅଷ୍ଟମଲ୍ଲ ମଧ, ଶିବଧନୁ ଭାଙ୍ଗ୍‌ବାର୍, କଂସ ବଧ ଆଉ ଉଗ୍ରସେନଙ୍କର୍ ରାଜ୍ୟାଭିଷେକ ଦୃଶ୍ୟ ଅଭିନୟ କରାଯିବା ।

ଗଲାକାଏଲ୍ ଧନୁଯାତ୍ରା ମହୋତ୍ସବ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ଆଉ ଜିଲ୍ଲାର୍ ବିଧାୟକ୍‌ମାନେ କଂସ ଦର୍‌ବାର୍ ନ ରାଜଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମାର୍ଚ୍ଚ ଶେଷ୍‌ତକ୍ ରାଜ୍ୟର୍ ସବୁ ଚାଷୀମାନ୍‌କର୍ ଧାନ୍ ଉଠ୍‌ବା ବଲି ପ୍ରତିଶ୍ରୁତି ଦେଇଛନ୍ । ସେନ୍ତା ବିକଶିତ୍ ଓଡ଼ିଶାର୍ ସପନ୍ ନେଇକରି କଲିଙ୍ଗ ସର୍‌କାର୍ ଆଗ୍‌କେ ବଢୁଛନ୍ ବଲି ପଂଚାୟତିରାଜ୍ ମନ୍ତ୍ରୀ ଶ୍ରୀ ନାୟକ୍ କହିଛନ୍ ।

ପୁଷ୍‌ପୁନି        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ୍ ଓଡ଼ିଶାର୍ ସହର୍‌ନୁ ଗାଁ ତକ୍ ଆଏଜ୍  ପୁଷ୍‌ପୁନି ପାଲନ୍ କରାଯାଉଛେ । ଧାନ୍ ଦାଇ କରି ଘର୍‌କେ ଆନ୍‌ଲା ଉତ୍‌ରୁ ଲୁକେ ଖୁସିବାସିର୍ ପରବ୍ ପୁଷ୍‌ପୁନି ମାନ୍‌ସନ୍ । ଘରେ ଘରେ ବହୁତ୍ ରକ୍‌ମର୍ ପାରମ୍ପାରିକ୍ ପିଠାପନା ଆଉ ତୁନ୍‌ଶାଗ୍ ତିଆର୍ କରାଯାଏସି । ସୁରୁସୁରୁ ଛୁଆମାନେ ପଡ଼ାପାଟ୍‌କେ ଘର୍ ଘର୍ ଯାଇକରି ଛେର୍‌ଛେରା ମାଗ୍‌ସନ୍ ଆର୍ ସେଥି ଭୁଜିଭାତି କର୍‌ସନ୍ । ଖଟିଖିଆ ଲୁକେ ଇ ଦିନ୍‌ଟା ବହୁତ୍ ଉସ୍‌ନାକିଥି ପାଲନ୍ କର୍‌ସନ୍ ।

ଶ୍ରୀମନ୍ଦିର-ଦେବାଭିଷେକ ନୀତି ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁଷ୍‌ପୁନି ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ଦେବାଭିଷେକ ନୀତି କରାଯବା । ଇ ଅବ୍‌ସରେ ମାହାପୁରୁମାନେ ସୁନାବେଶଥି ଦର୍ଶନ୍ ଦେବେ । ଆଝିରର୍ ଦିନେ ପ୍ରଭୁ ରାମଚନ୍ଦ୍ର ବନବାସ୍‌ନୁ ଫିରିକରି ରାଜା ହେଇଥିଲେ । ସେଥିର୍‌ଲାଗି ଶ୍ରୀମନ୍ଦିର ପରମ୍ପରା ଅନ୍‌ସାରେ ଆଏଜ୍ ଶ୍ରୀଜଗନ୍ନାଥଙ୍କର୍ ଅଭିଷେକ ନୀତି ପାଲନ୍ କରାଯିବା ।

ଲୋକ୍‌ଭବନ୍ I&PR

ସର୍ବସାଧାରଣଙ୍କର୍ ପରିଦର୍ଶନ୍ ଲାଗି ଭୁବ୍‌ନେଶ୍ୱର୍ ଲୋକ୍ ଭବନ୍ ଆଏବା ୧୦ ତାରିଖ୍‌ନୁ ଖୁଲାଯିବା । ଜାନୁଆରୀ ୨୦ ତାରିଖ୍‌ତକ୍ ମଏଧାନର୍ ଅଢ଼େଇ ବଜେନୁ ସଞ୍ଝବେଲର୍ ୬ ବାଜିକରି ୧୫ ମିନିଟ୍‌ତକ୍ ଲୁକେ ଲୋକ୍‌ଭବନ୍ ବୁଲିପାର୍‌ବେ । ଇଥିର୍‌ଲାଗି ମୋବାଇଲ୍ ଆପ୍‌ଥି ପଞ୍ଜିକରଣ୍ କର୍‌ବାର୍‌କେ ପଡ଼୍‌ବା । ଲୋକ୍‌ଭବନ୍ ଉଦ୍ୟାନ୍ ବୁଲ୍‌ବାର୍ ଲାଗି କେନ୍‌ସି ପ୍ରବେଶ ଶୁଳ୍କ ଦେବାର୍‌କେ ନାଇଁ ପଡ଼େ । ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ସଖାଲ୍‌ବେଲା ବୁଲିପାର୍‌ବେ ।

ଜମି ସର୍ବେକ୍ଷଣ୍       I&PR

ଉପଗ୍ରହ ଚିତ୍ରକେ ବେଭାର୍ କରିକରି ରାଏଜେ ଏବ୍ତକ୍ ୨୬ ଲାଖ୍ ୧୪ ହଜାର୍ ଶହେ ୩୬ ଟା ପ୍ଲଟ୍ ଭିତ୍ରୁ ପାଖାପାଖି ୨୫ ଲାଖ୍ ପ୍ଲଟ୍ର ସର୍ବେକ୍ଷଣ୍ କାମ୍ ଶେଷ୍ ହେଇଛେ । ପଞ୍ଜିକୃତ୍ କେନ୍ସି ଜମିର ତଥ୍ୟଥି ତ୍ରୁଟି ଦେଖାଦେଲେ ତୁର୍ତି ସମବାୟ ସମିତି ଉପନିବନ୍ଧକଙ୍କର୍ ପାଖ୍କେ ଯାଂଚ୍ ଲାଗି ପଠାଯାଉଛେ । ଚଲିତ୍ ଖରିଫ୍ ଋତୁଥି ଅଣଧାନ ଜମିକେ ଧାନ୍ ଚାଷ୍ ହେଉଥିବା ପ୍ଲଟ୍ ବଲି ଦର୍ଶେଇଥିବା ଚାଷୀମାନ୍କୁ ନୋଟିସ୍ ଜାରି କର୍ବାର୍କେ ଉପନିର୍ଦ୍ଦେଶକମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଫି’ ପଞ୍ଜିକୃତ ଜମି ୩ ଟା ଖେପେ ସର୍ବେକ୍ଷଣ୍ କରାଯାଇକରି ବୈଧତା ଯାଂଚ୍ କରାଯାଉଛେ । ତାର୍ ଉତ୍ରୁ ଚାଷୀମାନ୍କୁ ଧାନ୍ ବିକ୍ବାର୍ ଲାଗି ଟୋକନ୍ ଦିଆଯାଉଛେ ବଲି ରାଜସ୍ୱ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସୁପର୍ ମୁନ୍          ଆର୍ଏନ୍ୟୁ/ ସମ୍ବଲପୁର

ବଛ୍ରର୍ ପହେଲା ସୁପର୍ ମୁନ୍ ଆଏଜ୍ ଦେଖାଯିବା । ଇ ବିରଳ ମହାଜାଗତିକ ଦୃଶ୍ୟକେ ଆଏଜ୍ ସଞ୍ଜବେଲା ଭାରତ୍ ସହେତେ ପୁର୍ଥିର୍ ବଡ଼ଭାଗୀ ଜାଗା ନ ଦେଖିହେବା । ସୂର୍ଯ୍ୟାସ୍ତ ହେଉନ୍ସାର୍ ଖାଲି ଆଖିଥି

ଇଟା ଦିଶ୍‌ବା । ପୁର୍‌ଥି ନୁ ୩ ଲାଖ୍ ୬୨ ହଜାର୍ କିଲୋମିଟର୍ ଦୂରିଆନୁ ଚନ୍ଦ୍ର ରହୁଥିବାର୍‌ନୁ ଚନ୍ଦ୍ରର୍ ରଙ୍ଗ ଲାଲ୍  ହେବା । ଇ ସମିଆଥି ଚନ୍ଦ୍ର ୧୪ ପ୍ରତିଶତ୍ ବଡ଼ ଦେଖାଯିବାର୍ ସହେତେ ୩୦ ପ୍ରତିଶତ୍ ଅଏତ୍‌କା ଉଜଲ୍ ଦିଶ୍‌ବା । ନଭେମ୍ବର୍ ୨୪ ତାରିଖ୍ ୨ ନମ୍ବର୍ ଆର୍ ଡିସେମ୍ବର୍ ୨୩ ତାରିଖ୍ ୩ ନମ୍ବର୍ ସୁପର୍‌ମୁନ୍ ଦେଖାଯିବା ।

ସ୍ୱାସ୍ଥ୍ୟମନ୍ତ୍ରୀ- ନିଦାନ୍ କେନ୍ଦ୍ର            ବଲାଙ୍ଗିର୍ ସମ୍ବାଦଦାତା

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ବଲାଙ୍ଗିର୍ ଆୟୁର୍ବେଦିକ୍ ମହାବିଦ୍ୟାଲୟ ନ ନିଦାନ୍ କେନ୍ଦ୍ରର୍ ଉଦ୍‌ଘାଟନ୍ କରିଛନ୍ । ଇ କେନ୍ଦ୍ର ନ ୩୨ ରକ୍‌ମର ମାହାଲିଆ ପରୀକ୍ଷା କରାଯିବାର୍ ସହେତେ ୮ ଟା ବିଭାଗ୍‌ର ଉଷୋକଷା ରୋଗୀମାନ୍‌କୁ ମାହାଲିଆ ଦିଆଯିବା । ଖୋବ୍ ଜଲ୍‌ଦି ରାଜ୍ୟର୍ ସବୁ ଆୟୁର୍ବେଦିକ୍ ମହାବିଦ୍ୟାଲୟ ନ ନିଦାନ୍ କେନ୍ଦ୍ର ଖୁଲାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ବାଘ୍ ଛାଲ୍, ସମ୍ବର ସିଂ ଜବତ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଜଙ୍ଗଲ୍ ବିଭାଗ୍ ତରଫୁ ଗଲାକାଏଲ୍ ୨ ଟା କଲ୍‌ରାପତ୍‌ରିଆ ବାଘ୍ ଛାଲ୍ ଆଉ ଗୁଟେ ସମ୍ବରର ସିଂ ଜବତ୍

କରାଯାଇଛେ । ମାମ୍‌ଲାଥି ୬ ଝନ୍‌କୁ ଗିରଫ୍ କରିକରି କୋର୍ଟ ଚାଲାଣ୍ କରାଯାଇଛେ । ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଘଟ୍‌ନାର୍ ତଦନ୍ତ୍ ଚାଲିଛେ ।

ଜାତୀୟ ସଡ଼କ ସୁରକ୍ଷା ମାସ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ଜାତୀୟ ସଡ଼କ ସୁରକ୍ଷା ମାସ -୨୦୨୬ ପାଲନ୍ ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲା ଆଂଚଲିକ୍ ପରିବହନ୍ କାର୍ଯ୍ୟାଳୟ ତର୍‌ଫୁ ଗଲାକାଏଲ୍ ଗୁଟେ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ଇ ରଥ ଜିଲ୍ଲାର୍ ଭିନ୍ ଭିନ୍ ଜାଗାକେ ଯାଇକରି ଲୁକ୍‌କୁ ସଡ଼କ୍ ସୁରକ୍ଷା ବାବ୍‌ଦେ ସଚେତନ୍ କର୍‌ବା । ଇ ଅବ୍‌ସରେ ସୁବର୍ଣ୍ଣପୁର୍ ସହର୍ ନ ଗଲାକାଏଲ୍ ଗୁଟେ ସଚେତନତା ଶୋଭାଯାତ୍ରା ଭିଲ୍ ଆୟୋଜନ୍ କରାଯାଇଥିଲା ।